## ସଂକ୍ଷେପରେ

### ବିଜେଡି ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକ

**ଶେରଗଡ,୧୯।୨(ଡି.ଏନ୍.ଏ.):** ଶେରଗଡ ବ୍ଲକ ବିଜେଡିର ସଭ୍ୟ ସଂଗ୍ରହ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସଭ୍ୟ ସଂଗ୍ରହରେ ସଭ୍ୟମାନଙ୍କ ପରିଚୟ ପତ୍ର ସଂଯୋଗ କରିବାନେଇ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ସଭ୍ୟ ସଂଗ୍ରହ ସମୟରେ ଦଳ ଓ ସରକାରଙ୍କ ସଫଳ ଯୋଜନାକୁ ଆଖିଆଗରେ ରଖି କାମ କରିବାକୁ କୁହାଯାଇଥିଲା। ଭୁବନେଶ୍ୱରରୁ ନୀତିନ୍ ଯୋଗ ଦେଇ ସଭ୍ୟ ସଂଗ୍ରହ ସମ୍ପର୍କରେ ବୁଝାଇବା ସହ ଏହାକୁ ଜୋରଦାର କରିବାକୁ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ରପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ହୃଷିକେଶ ପାଢୀ, ପ୍ରମୋଦ କୁମାର ପାତ୍ର ଯୋଗ ଦେଇଥିଲେ। ବହୁ ବିଜୁ ଯୁବ ବାହିନୀର ସଦସ୍ୟ ଓ ନେତା ଯୋଗ ଦେଇଥିଲେ।

### ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଲାଗି ଭୂମିପୂଜା

**ଗଞ୍ଜାମ,୧୯।୨(ଡି.ଏନ.ଏ.):** ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତ କଲ୍ୟାଣପୁର ବାତ୍ୟା ଆଶ୍ରୟସ୍ଥଳୀଠାରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ପାଇଁ ବୁଧବାର ଭୂମିପୂଜା କରାଯାଇଥିଲା। ଏଥିରେ ବିଡିଓ ଜ୍ୟୋତି ଶଙ୍କର ରାୟ, ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ (ଛତ୍ରପୁର) ରମେଶ ଚନ୍ଦ୍ର ପଣ୍ଡା, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, କାଇଁଚପୁର ସରପଞ୍ଚ ଶ୍ୟାମା ରେଡ୍ଡୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାଣି ଟାଙ୍କି ନିର୍ମାଣ ହେଲେ ସାନ କାଇଁଚପୁର, ବଡ଼ କାଇଁଚପୁର, ଜରାପଦର ଓ କଲ୍ୟାଣପୁର ଗ୍ରାମବାସୀ ଉପକୃତ ହେବେ ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି। ୧ ଲକ୍ଷ ୫୦ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ପାଇଁ ୧ କୋଟି ୫୦ ଲକ୍ଷ ବ୍ୟୟ ଅଟକଳ କରାଯାଇଥିବା ସେ କହିଛନ୍ତି। ଏହି ଟଙ୍କାର ବୋର, ନୂଆଁ ପାଇପ୍ ଲଗାଯିବ ବୋଲି ସୂଚନା ମିଳିଛି।

### ପ୍ରାଥମିକ ଶିକ୍ଷକ ସଂଘର ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର,୧୯।୨(ଡି.ଏନ.ଏ):** ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଛତ୍ରପୁରଠାରେ ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୫ ବର୍ଷର ମହଙ୍ଗାଭତ୍ତା ପ୍ରଦାନ, ସପ୍ତମ ବେତନ ଆଧାରରେ ଘରଭଡା, ଗଚ୍ଛିତ ବକେୟା ପ୍ରାପ୍ୟ ୬୦ ପ୍ରତିଶତରୁ ୧୦ ପ୍ରତିଶତ ପ୍ରଦାନ, କର୍ମଚାରୀଙ୍କ ମୃତ୍ୟୁପରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେବା ଆଦି ଦାବି ରହିଛି। ଶିକ୍ଷକମାନଙ୍କର ହୋଇ ନ ଥିବା ପଦୋନ୍ନତିକୁ ତ୍ୱରାନ୍ୱିତ କରିବା, ନୂତନ ପେନସନ୍ ଯୋଜନା ବାତିଲ ନ କରିବା, ଅସ୍ଥାୟୀ ଶିକ୍ଷକଙ୍କୁ ସ୍ଥାୟୀ କରିବାକୁ ମଧ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘର ସଭାପତି ଶଶାଙ୍କ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ହରେକୃଷ୍ଣ ପାତ୍ର, ଶିକ୍ଷକ ସୁରେଶ କୁମାର ମହାନ୍ତି, ସୁବୋଧ ଚନ୍ଦ୍ର ରାଉତ, ପି. ଧର୍ମରାଜୁ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# କୁଏତ୍‌ରେ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା ଅଭିଯୋଗ

**ଦିଗପହଣ୍ଡି(ଡି.ଏନ.ଏ.)/ ପାଟପୁର,୧୯।୨**


ଜିଲୁଙ୍କ ମା' ଓ ବାପା।


ଜିଲୁଙ୍କ ଫାଇଲ ଫଟୋ

ସାନଖେମୁଣ୍ଡି ବ୍ଲକ ଆଡପଡ଼ା ଗ୍ରାମର ଓଡ଼ିଆ ଶ୍ରମିକ ଜିଲୁ ପୃଷ୍ଟିଙ୍କୁ କୁଏତ୍‌ରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଅଧିକ ରୋଜଗାର ଆଶାରେ ଜିଲୁ ନିର୍ଦ୍ଦିଷ୍ଟ ଠିକାଦାରଙ୍କଠାରେ ୨ ଲକ୍ଷ ଟଙ୍କା ପୈଠ କରି ଏକ ଆନ୍ଧ୍ର କମ୍ପାନୀରେ ପ୍ରଶିକ୍ଷଣ ନେଇଥିଲେ। ପରେ କମ୍ପାନୀ ସହାୟତାରେ ପାଇପ ଫେବ୍ରିକେଟର ଫୋର ମ୍ୟାନ ଚାକିରି ପାଇଁ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ କୁଏତ୍ ଯାଇଥିଲେ। ସେଠାରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଲୁହା ବୋହିବା କାମରେ ଲଗାଇଥିଲେ। କାମ ନ କଲେ ଖାଇବାକୁ ଦିଆଯିବ ନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ କହିଥିଲେ। ବାଧହୋଇ ସେ ୫ ମାସ ଖଲାସି କାମ କଲେ। ପରେ କୌଣସି କାରଣ ନ ଦର୍ଶାଇ ତାଙ୍କୁ ଦରମା ନ ଦେଇ କାର୍ଯ୍ୟରୁ ବହିଷ୍କୃତ କରିଦିଆଗଲା। ଏ ନେଇ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଭେଟି ଭାରତ ଫେରିଯିବା ପାଇଁ କହିଲେ ମଧ ସେମାନେ ଗାଳିଗୁଲଜ କରି ମାଡ଼ ମରିବେ ବୋଲି ଧମକ ଦେଇ କମ୍ପାନୀରୁ ବାହାର କରି ଦେଲେ। ତେଣୁ ଜିଲୁ ବାହାରେ ଏକ ଭଡ଼ା ଘରେ ରହି ସମସ୍ତ ଘଟଣା ସେଠାକାର ଏକ ସଂସ୍ଥା ଜରିଆରେ ଭାରତୀୟ ଦୂତାବାସଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିଲା ନାହିଁ। ଏହା ଜାଣି କମ୍ପାନୀ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଅନେକ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସେ ଭିଡିଓ କଲ୍ କରି କହିଥିବା ବାପା ହୃଷୀକେଶ ପୃଷ୍ଟି କହିଛନ୍ତି। ପରିବାର ଲୋକେ ଏହା ଜାଣିବା ପରେ ବାପା ଓ ମା' ଶଶିକଳା ଚିନ୍ତାରେ ଅଛନ୍ତି। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ବାପା ଗାଁ ଲୋକଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ସୁଧରେ ନେଇ ଜିଲୁଙ୍କୁ ପଠାଇଛନ୍ତି। ଗଞ୍ଜାମ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କୁଏତ୍‌ରୁ ଜିଲୁଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ। ନର୍ଦ୍ଦିଷ୍ଟ ଅଭିଯୋଗ ମିଳିଲେ ଜିଲା ପ୍ରଶାସନ ସହାୟତାରେ ତାଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସଫଳତା ନେଇ ୩ ପଞ୍ଚାୟତକୁ ମିଳିଲା ପୁରସ୍କାର

**ଛତ୍ରପୁର,୧୯।୨(ଡି.ଏନ.ଏ.)**

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି



ସରପଞ୍ଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଛତ୍ରପୁର ବ୍ଲକ ସମ୍ମିଳନୀ ଗୃହରେ ବୁଧବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଏହି ଶୁଣାଣି କରିଥିଲେ । ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ବିଡିଓ ଅମ୍ବିକା ପ୍ରସାଦ ଦାଶ ଓ ଜିଲା ସାମାଜିକ ସମୀକ୍ଷକ ଡ. ରବୀନ୍ଦ୍ର ନାଥ ମଲାଣ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସହକାରୀ ପ୍ରକଳ୍ପ ଅଧିକାରୀ ଅର୍ଚ୍ଚିତା ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ସହ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୧, ୩୪୫ ଶ୍ରମିକ କାମ କରିଛନ୍ତି। ଏ ନେଇ ୧,୯୦, ୭୧୯ ଶ୍ରମ ଦିବସ ସୃଷ୍ଟି ହୋଇଛି । ୧୧୭ ପରିବାର ଏହି ଯୋଜନାରେ ଶହେ ଦିନର କାମ ପାଇଛନ୍ତି। ଏହି ଯୋଜନାରେ ୨୦୧୯-୨୦ରେ ୩୮୬ ପ୍ରକଳ୍ପର କାମ ହାତକୁ ନିଆଯାଇଥିଲା । ଏଥିରୁ ବର୍ତ୍ତମାନ ସୁଦ୍ଧା ୧୦ଟିର କାମ ସରିଛି। ଆହୁରି ୩୭୬ ଟି ପ୍ରକଳ୍ପର କାମ ବାକି ରହିଛି। ପ୍ରତି ପଞ୍ଚାୟତର ଗ୍ରାମ ରୋଜଗାର ସେବକମାନେ ନିଜ ପଞ୍ଚାୟତର ବିବରଣୀ ଉପସ୍ଥାପନ କରିଥିଲେ। କେତେକ ଅଭିଯୋଗ ମଧ ହୋଇଥିଲା । ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ଥିବା ସମସ୍ତ ଲକ୍ଷ୍ୟ ପୂରଣ କରିବା ନେଇ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ଏହି ଅବସରରେ ଯୋଜନାର ସଫଳତା ନେଇ ଟାଙ୍ଗଣାପଲ୍ଲୀ ପଞ୍ଚାୟତ (ପ୍ରଥମ)ର ସରପଞ୍ଚ କୁମାରୀ ପ୍ରଧାନ, ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦଣ୍ଡପାଣି ପ୍ରଧାନ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ (ଦ୍ୱିତୀୟ) ସରପଞ୍ଚ ରେବତୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଜୁରିଆ ନାହାକ ଓ ଜିଆରଏସ୍ ଦାମୋଦର ସାହୁ ଏବଂ କଣମଣା ପଞ୍ଚାୟତ (ତୃତୀୟ) ଭାବେ ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଓ ଜିଆରଏସ୍ ମିନାରୀ କୁମାରୀ ବେହେରାଙ୍କୁ ଉପଜିଲାପାଳ ପୁରସ୍କୃତ କରିଥିଲେ । ସେହିପରି କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା (ପ୍ରଥମ), ବିଜୟଲକ୍ଷ୍ମୀ ନାୟକ (ଦ୍ୱିତୀୟ) ଓ ଜୟସେନ ବେହେରା (ତୃତୀୟ) ଭାବେ ପୁରସ୍କୃତ ହୋଇଥିଲେ ।

### ଜିଲାପାଳଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣା, ଅଭିଯୁକ୍ତ ଗିରଫ

**ଛତ୍ରପୁର,୧୯।୨(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓସ୍ୱାସ୍ ଭିଡିଓ କନଫରେନ୍ସିଂ ହଲ୍‌ରେ ପଶି ଭଙ୍ଗାରୁଜା କରିବା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କତୁରୁ ଗାଁର ବି. ତ୍ରିନାଥ ରେଡ୍ଡୀ। ଭୁବନେଶ୍ୱରରୁ ରାଜ୍ୟ ମିଶନ ଶକ୍ତି ଡାଇରେକ୍ଟର ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାସ ହଲ୍‌ରେ ଉପସ୍ଥିତ ସମସ୍ତ ସିଡିପିଓଙ୍କ ସହ ସମୀକ୍ଷା ବୈଠକ କରୁଥିବାବେଳେ ତ୍ରିନାଥ ହଠାତ୍ ସେଠାକୁ ଧସେଇ ପଶି ଏଲ୍‌ଇଡି ଟିଭି ଭଙ୍ଗାରୁଜା କରିବା ସହ ଲାପଟପ୍ ଫୋପାଡି ଦେଇଥିଲେ। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଏତଲା ପ୍ରକାରେ ତ୍ରିନାଥଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି।

### ସାବିତ୍ରୀ ମହିଳା କଲେଜ ବାର୍ଷିକ କ୍ରୀଡ଼ା

**ଭଞ୍ଜନଗର,୧୯।୨(ଡି.ଏନ.ଏ)**

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସିନିୟରରେ ସରସ୍ୱତୀ ଦଳବୋରା ଚାମ୍ପିୟନ ହୋଇଥିବାବେଳେ ଜୁନିୟରରେ ପ୍ରିୟଙ୍କା ସେଠୀ ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ସୁଦୀପ୍ତ ସାହୁ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକା ଆରତିବାଳା ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ସୁପ୍ରଭା ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶ୍ରମିକଙ୍କ ଦାବି ନେଇ ତ୍ରିପାକ୍ଷିକ ଆଲୋଚନା ବୈଠକ

**ଛତ୍ରପୁର,୧୯।୨(ଡି.ଏନ.ଏ)**

## ପୋର୍ଟରେ କାମ ନ ମିଳିବା ପ୍ରସଙ୍ଗ

ଟ୍ରାନ୍ସପୋର୍ଟ ୱାର୍କର ଶ୍ରମିକମାନେ କାମ ଦାବି ନେଇ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଦାବି ସମ୍ପର୍କରେ ଆଲେଚନା କରାଯିବ ବୋଲି ପ୍ରସାଶନ ପକ୍ଷରୁ କୁହାଯିବାରୁ ମଙ୍ଗଳବାର ରାତିରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୁଧବାର ସନ୍ଧ୍ୟାରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଥିଲା। ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ ୭ ଦିନ ମଧ୍ୟରେ ୨୧୯ ଟ୍ରକ୍ ଲୋଡିଂ ଅନ୍‌ଲୋଡିଂ ଶ୍ରମିକମାନଙ୍କ ପରିଚୟପତ୍ର ଓ ଫିଜିକାଲ ଭେରିଫିକେଶନ୍ ହେବ । ଏଥିସହ ମାର୍ଚ୍ଚ ପ୍ରଥମ ସପ୍ତାହରେ ପୁଣି ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ବୈଠକରେ ସ୍ଥିର ହୋଇଛି । ବୈଠକରେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଏସଡିପିଓ ଗୌତମ କିଶାନ, ମେରାଇନ୍ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ, ଶ୍ରମ କମିଶନର ଦିପ୍ତୀ ରଞ୍ଜନ ମହାନ୍ତି, ଶ୍ରମ ଅଧିକାରୀ ଶିବ ସାହୁ, କର୍ମଚାରୀ ସଂଘର ସଭାପତି ଦାନିଏଲ ଦାସ, ଡକ୍ ୱାର୍କସ ୟୁନିୟନର ସଭାପତି ଜି. ଏରେୟା, ମଜଦୁର ୟୁନିୟନର ସଭାପତି କେ. ଏଲେୟା ଏବଂ ପୋର୍ଟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

# ମାଟ୍ରିକ ପରୀକ୍ଷା କେନ୍ଦ୍ର ବୁଲିଲେ ଜିଲାପାଳ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୯।୨–** ବୁଧବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା କିପରି ଚାଲିଛି ତାହାର ତଦାରଖ କରିବାକୁ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ଫିରିଙ୍ଗିଆ ବ୍ଲକର ବନ୍ଧଗଡ଼, କେଲାପଡ଼ା ଓ ନୂଆପଦର ସମେତ ୫ଟି ପରୀକ୍ଷା କେନ୍ଦ୍ର ବୁଲି ଦେଖିଛନ୍ତି। ପ୍ରଥମ ଦିନ ପରୀକ୍ଷା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଜିଲାପାଳଙ୍କ ୯ଟି ସ୍କ୍ୱାଡ, ଜିଲା ଶିକ୍ଷାଧିକାରୀଙ୍କ ୨ଟି ସ୍କ୍ୱାଡ ଏବଂ ବୋର୍ଡ କର୍ତ୍ତୃପକ୍ଷଙ୍କ ଗୋଟିଏ ସ୍କ୍ୱାଡ ପରୀକ୍ଷାକେନ୍ଦ୍ରବୁଲିଛନ୍ତିବୋଲିଜିଲାଶିକ୍ଷାଧିକାରୀବିକାଶଚନ୍ଦ୍ରପ୍ରଧାନସୂଚନାଦେଇଛନ୍ତି।


କନ୍ଧମାଳ ଜିଲାପାଳ ପରୀକ୍ଷା କେନ୍ଦ୍ରରେ ଅନୁଧ୍ୟାନ କରୁଛନ୍ତି।

### କୁକୁଡାଖଣ୍ଡି ବ୍ଲକରେ ୨୭୭୫ ପରୀକ୍ଷାର୍ଥୀ

**କୁକୁଡ଼ାଖଣ୍ଡି–**କୁକୁଡ଼ାଖଣ୍ଡି ବ୍ଲକର ୧୩ ପରୀକ୍ଷା କେନ୍ଦ୍ରରେ ୨୭୭୫ ପରୀକ୍ଷାର୍ଥୀ ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ୨୭୦୧ ରେଗୁଲାର ଓ ୭୪ଜଣ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ସୁରୁଖୁରୁରେ ପରୀକ୍ଷା ସରିଥିବା ବ୍ଲକ ଶିକ୍ଷାଧିକାରୀ ଏସ.ଗିରିଧାରୀ ସୂଚନା ଦେଇଛନ୍ତି।

### ପରୀକ୍ଷା ଦେଲେ ୨୦୦୪ ପରୀକ୍ଷାର୍ଥୀ, ୧୯ ଅନୁପସ୍ଥିତ


ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଇ ଛାତ୍ରୀଛାତ୍ର ବାହାରୁଛନ୍ତି।

**ବୁଗୁଡ଼ା–**ବୁଗୁଡ଼ା ବ୍ଲକର ୧୦ କେନ୍ଦ୍ରରେ ବୁଧବାର ମୋଟ ୨୦୨୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୦୪ ଜଣ ପରୀକ୍ଷା ଦେଇଛନ୍ତି। ୧୯ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବୁଗୁଡ଼ା ପିପୁଲ୍ସ ହାଇସ୍କୁଲରେ ୩୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୭, ବୁଦ୍ଧଗିରି ବିଦ୍ୟାପୀଠରେ ୧୭୮ରୁ ୧୭୭, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୬ରୁ ୧୭୪, ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ୨୦୧, ପଙ୍କଲବାଡ଼ି ଉଚ୍ଚ ବିଦ୍ୟାଳୟରେ ୧୮୧, ପୋଚାଲୁଣ୍ଡି ଉଚ୍ଚ ବିଦ୍ୟାଳୟରେ ୧୬୭, କରଚୁଲି ହାଇସ୍କୁଲରେ ୧୧୩ରୁ ୧୧୧, ବାଲିପଦର ଉଚ୍ଚ ବିଦ୍ୟାଳୟରେ ୨୭୨ରୁ ୨୭୧, ମାଣିତରା ହାଇସ୍କୁଲରେ ୧୫୦ରୁ ୧୪୭ ଏବଂ ତାଳଶାକର ଉଚ୍ଚ ବିଦ୍ୟାଳୟରେ ୨୫୨ରୁ ୨୪୮ ଜଣ ପରୀକ୍ଷା ଦେଇଥିଲେ।

### ଖଲ୍ଲିକୋଟ ବ୍ଲକରେ ୨୪୫୮ ପରୀକ୍ଷାର୍ଥୀ

**ଖଲ୍ଲିକୋଟ–**ଖଲ୍ଲିକୋଟ ବ୍ଲକରେ ୧୩ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ୨୪୫୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଖଲ୍ଲିକୋଟସ୍ଥିତ କନକମଞ୍ଜରୀ ବାଳିକା ବିଦ୍ୟାଳୟ ନୋଡାଲ ସେଣ୍ଟର ହୋଇଛି। ବ୍ଲକର କେଶପୁରସ୍ଥିତ ୟୁଜି ହାଇସ୍କୁଲ, କୌରାଶିର ଶ୍ରୀନୀଳକଣ୍ଠେଶ୍ୱର ହାଇସ୍କୁଲ, ଗୋପପୁରର ଗୁପ୍ତେଶ୍ୱର ହାଇସ୍କୁଲରେ ସିସି କ୍ୟାମେରା ଲଗାଯାଇଛି। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ହୋଇଥିବା ଖଲ୍ଲିକୋଟ ବିଇଓ ହରେକୃଷ୍ଣ ପଣ୍ଡା ପ୍ରକାଶ କରିଛନ୍ତି।

### ୧୦ କେନ୍ଦ୍ରରେ ୩୪ ଅନୁପସ୍ଥିତ

**ଆସିକା–** ଆସିକା ଏନ୍‌ଏସି ଓ ବ୍ଲକର ୧୦ ପରୀକ୍ଷା କେନ୍ଦ୍ରରେ ବୁଧବାର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି । ଏହି ସମସ୍ତ କେନ୍ଦ୍ର ଲାଗି ୨,୩୬୬ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୨,୩୩୨ଜଣ ପରୀକ୍ଷା ଦେଇଥିଲେ। ୩୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି । ଏହି ପରୀକ୍ଷାର୍ଥୀ ମଧ୍ୟରେ ୨ହଜାର ୨ଶହ ୯୦ ରେଗୁଲାର ପରୀକ୍ଷାର୍ଥୀ ମଧ୍ୟରୁ ୨,୨୬୨ ଓ ୭୬ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୦ଜଣ ପରୀକ୍ଷା ଦେଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକ ସୂଚନା ଦେଇଛନ୍ତି। ସେହିଭଳି ଆସିକା ଏନ୍‌ଏସିର ସରକାରୀ ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୩୦୨ ପରୀକ୍ଷାର୍ଥୀ ମଧ୍ୟରୁ ୨୯୬ଜଣ, ହରିହର ହାଇସ୍କୁଲ କେନ୍ଦ୍ରରେ ୩୨୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୧ ଓ ଏନ୍‌ଏସି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୯୭ ପରୀକ୍ଷାର୍ଥୀ ମଧ୍ୟରୁ ୧୯୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ବ୍ଲକର ଟେକ୍‌ନିକାଲ ହାଇସ୍କୁଲ, ଚିନିଶିଳ୍ପ ହାଇସ୍କୁଲ ସମେତ ୪ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ଆସିକା ତହସିଲଦାର ସଦାନନ୍ଦ ସେଠୀ, ଗୋଷ୍ଠୀ ଶିକ୍ଷାଧିକାରୀ ବାରିକ ଓ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

### ହିଞ୍ଜିଳିକାଟୁ: ୯କେନ୍ଦ୍ରରେ୨୧ ପରୀକ୍ଷାର୍ଥୀ ଅନୁପସ୍ଥିତ

**ହିଞ୍ଜିଳିକାଟ–** ହିଞ୍ଜିଳିକାଟୁ ବ୍ଲକର ୯ କେନ୍ଦ୍ରରେ ୨୨୪୦ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ପ୍ରଥମ ଦିନରେ ୨୨୧୯ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୨୧ ଜଣ ଅନୁପସ୍ଥିତ ଥିଲେ। ବ୍ଲକ ସମେତ ମ୍ୟୁନିସିପାଲିଟିର ବିଭିନ୍ନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ପ୍ରଥମ ଦିନ ପରୀକ୍ଷା ଶେଷ ହୋଇଛି। ତହସିଲଦାର ଗୋପୀନାଥ କୁଅଁର, ବିଇଓ ବସନ୍ତ କୁମାର ପଣ୍ଡା ପ୍ରମୁଖ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ।

# ସନୋଜ ଫିଲିଂ ଷ୍ଟେଶନ ଉଦ୍‌ଘାଟିତ

**ଦାରିଙ୍ଗବାଡି,୧୯।୨(ଡି.ଏନ୍.ଏ.)**

ଦାରିଙ୍ଗବାଡି ୫୯ନଂ. ଜାତୀୟ ରାଜପଥ କଡରେ ବୁଧବାର ଏକ ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସନୋଜ ଫିଲଂ ଷ୍ଟେଶନର ମାଲିକ ସନୋଜ କୁମାର ସାହୁଙ୍କ ବଡଭାଇ ତଥା ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ସନୋଜଙ୍କ ପୁଅ ସ୍ୱାଧୀନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ପେଟ୍ରୋଲ୍ ପମ୍ପ ଉଦ୍‌ଘାଟନ ପରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଡିଜେଲ ଏବଂ ପେଟ୍ରୋଲ ପାଇଁ ସକାଳ ୮ଟାରୁ ଗ୍ରାହକଙ୍କ ଭିଡ଼ ଜମିଥିଲା। ପ୍ରଥମଥର ପାଇଁ ଦାରିଙ୍ଗବାଡି ଅଞ୍ଚଳରେ ଏସାର କମ୍ପାନୀର ପେଟ୍ରୋଲ ପମ୍ପ ଖୋଲିଥିବାରୁ ଏହାର ତେଲ ଗୁଣବତ୍ତାକୁ ପ୍ରଶଂସା କରିଛନ୍ତି ଅଞ୍ଚଳବାସୀ।

ପ୍ରଥମ ଦିନରେ ଯାହାର ହେଲମେଟ୍ ନାହିଁ ତାଙ୍କୁ ପେଟ୍ରୋଲ ଦିଆଯାଇନଥିଲା। ଏଥିସହ ଚାରିଚକିଆ ଯାନ ଚାଳକଙ୍କୁ ସିଟ୍‌ବେଲ୍ଟ ବ୍ୟବହାର ଏବଂ ବାଇକ୍ ଚାଳକଙ୍କୁ ହେଲମେଟ୍ ବ୍ୟବହାର ନେଇ ସଚେତନ କରାଯାଇଥିଲା। ପେଟ୍ରୋଲ ପମ୍ପର ମାଲିକ ସନୋଜ କହିଛନ୍ତି ଯେ, ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତରେ ପ୍ରାୟ ଲକ୍ଷାଧିକ ଜନସାଧାରଣ ରହିଛନ୍ତି। ସେମାନଙ୍କ ସୁବିଧା ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଏହି ପେଟ୍ରୋଲ ପମ୍ପ ଖୋଲାଯାଇଛି। ପେଟ୍ରୋଲ ପମ୍ପରେ ହିତାଧିକାରୀଙ୍କ ପାଇଁ ଶୁଦ୍ଧ ପିଇବା ପାଣି ସମେତ ଶୌଚାଳୟ, ଗାଡିଗୁଡିକରେ ମାଗଣା ପମ୍ପ ଦେବା ବ୍ୟବସ୍ଥା କରାଯାଇଛି।


ପେଟ୍ରୋଲ ପମ୍ପ ଉଦ୍‌ଘାଟନ କରାଯାଉଛି।

# ସମୀକ୍ଷା ସାରି ଫେରିଲେ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ

**ବ୍ରହ୍ମପୁର ଅଫିସ/ଗୋପାଳପୁର/ଛତ୍ରପୁର (ଡି.ଏନ୍.ଏ.), ୧୯।୨–**


କେଲୁଆପଲି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀ ।

- ଦୁଇ ଦିନିଆ ଗସ୍ତ କାର୍ଯ୍ୟକ୍ରମ ସରିଲା
- ବୁଲି ଦେଖିଲେ ଉନ୍ନୟନ କାର୍ଯ୍ୟ, ମହିଳା ସଂଘର ଫୁଲଚାଷ

ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ବିଜୟ ଆରୋରାଙ୍କ ଦୁଇ ଦିନିଆ ଗଞ୍ଜାମ ଗସ୍ତ କାର୍ଯ୍ୟକ୍ରମ ସାରି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିଛନ୍ତି। ୨ଦିନ ଧରି ଜିଲାରେ ସେ ବିଭିନ୍ନ ପ୍ରକଳ୍ପ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ ବିଲ୍ଡିଂ ଆଦି ପରିଦର୍ଶନ କରି ଯୋଜନାଗୁଡିକର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବୁଧବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ସମୀକ୍ଷା ବୈଠକ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ କରିବାକୁ ପ୍ରମୁଖ ସଚିବ ଆରୋରା ଗୁରୁତ୍ୱାରୋପ କରିଛନ୍ତି। ଦ୍ୱିତୀୟ ଦିନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ବୁଧବାର କେଲୁଆପଲ୍ଲୀ ପଞ୍ଚାୟତ, ଲୌଡି ଗାଁ ଓ ଏହି ପଞ୍ଚାୟତ ଅନ୍ତର୍ଗତ କୀର୍ତ୍ତିପୁର ଗ୍ରାମର ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ସେହିପରି ଆମ୍ବପୁଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚସି) ପରିଦର୍ଶନ କରିଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ଜିଲା ପଞ୍ଚାୟତ ଅଧିକାରୀ ଧର୍ମେନ୍ଦ୍ର ସେଠୀୟାଁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ସେହିପରି ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତରେ ମହିଳା ସଂଘ ପକ୍ଷରୁ କରାଯାଇଥିବା ଗୋଲାପ ଓ ଜାରବେରା ଫୁଲ ଚାଷ ବୁଲି ଦେଖିଥିଲେ। ପରିଦର୍ଶନ ବେଳେ ଜିଲାପାଳଙ୍କ ସମେତ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଡିପିଏମ୍ ନବୀନ କୁମାର ସେନାପତି, ଡିଡିଏଚ୍ ଦିଗାମ୍ବର ପଣ୍ଡା, ବିପିଏମ୍ ମାନିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତା କାରଣ, ୩ ଭାଇଙ୍କ ସମେତ ୪ ଗିରଫ

**ଫୁଲବାଣୀ ଅଫିସ, ୧୯।୨**

## ପାବୁରିଆ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ପାବୁରିଆ ଅଞ୍ଚଳରେ ଗତ ୮ ତାରିଖ ରାତିରେ ହୋଇଥିବା ସଚ୍ଚିଦାନନ୍ଦ ନାୟକ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ପୂର୍ବ ଶତ୍ରୁତାରୁ ପାବୁରିଆ ଅଞ୍ଚଳର ସଚ୍ଚିଦାନନ୍ଦଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ୩ ଭାଇଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାବୁରିଆ ଅଞ୍ଚଳର ସୌମେନ୍ଦ୍ର ବେହେରା, ଶୈଳେନ୍ଦ୍ର ବେହେରା, ପିଉସ ବେହେରା ଓ ଦୋକାନୀ ଜିତେଶ ଦେହୁରୀ। ପୂର୍ବରୁ ଜିତେଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ଅଭିଯୁକ୍ତ ୩ ଭାଇଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିତେଶ ଏହି ହତ୍ୟାକାଣ୍ଡରେ ସୂଚନାଦାତା ଥିଲେ। ହତ୍ୟାକାଣ୍ଡ ଦିନ ଜିତେଶଙ୍କ ସୂଚନା ଆଧାରରେ ସୌମେନ୍ଦ୍ର, ଶୈଳେନ୍ଦ୍ର ଓ ପିଉସ ଏକ ଅଟୋ ଏବଂ ଏକ ସ୍କୁଟିରେ ଆସି ସଚ୍ଚିଦାନନ୍ଦଙ୍କୁ ଖଣ୍ଡାରେ ବୀଭତ୍ସ



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ଭାବେ ହତ୍ୟା କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ରକ୍ତଭିଜା ପ୍ୟାଣ୍ଟ ସାର୍ଟ ପୋଲିସ ଜବତ କରିଛି ବୋଲି ଏସ୍‌ପି ପ୍ରତୀକ ଗୀତା ସିଂ ପ୍ରକାଶ କରିଛନ୍ତି।

୨୦୧୫ ଡିସେମ୍ବର ୨୪ରେ ହତ୍ୟାକାଣ୍ଡ ଭିଆଇଥିବା ଯୁବକଙ୍କ ଭଉଣୀଙ୍କର ପ୍ରସବ ବେଦନା ହୋଇଥିଲା। ମା' ଫୁଲବାଣୀ ମେଡିକାଲ ବାହାରିବାବେଳେ ସାଥିରେ ସଚ୍ଚିଦାନନ୍ଦଙ୍କ ଭାଇ ସରୋଜ ନାୟକଙ୍କ ସ୍ତ୍ରୀ କୁନିଙ୍କୁ ଡାକି ନେଇଥିଲେ। ହେଲେ ସଚ୍ଚିଦାନନ୍ଦଙ୍କ ପରିବାରକୁ ଏହା ଜଣାଇ ନ ଥିଲେ। ୨ ଦିନ ପରେ କୁନି ଘରକୁ ଫେରିବା ପରେ ସଚ୍ଚିଦାନନ୍ଦ, ଭାଇ ସରୋଜ ଏବଂ ଦୁର୍ଗା ତାଙ୍କ ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଶୈଳେନ୍ଦ୍ର ସେମାନଙ୍କୁ ମାଡ଼ ମାରିଥିଲେ। ଏହାପରେ ସଚ୍ଚିଦାନନ୍ଦ ତାଙ୍କ ଭାଇମାନେ ମିଶି ପ୍ରତିଶୋଧ ନେବାକୁ ଚାହୁଁଥିଲେ। ୨୦୧୬ ଜୁନ୍ ୨୯ରେ ପୁଣି ସମ୍ପୃକ୍ତ ୩ ଭାଇଙ୍କ ସମେତ ୭ ଜଣ ମିଶି ଦୁର୍ଗା ଏବଂ ସରୋଜଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏ ନେଇ ସାରଙ୍ଗଗଡ ଥାନାରେ ନଂ.୬୬/୧୬ରେ ମାମଲା ରୁଜୁ ହୋଇଥିଲା। ପୋଲିସ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପରେ ସେମାନେ ଜାମିନରେ ଆସିଥିଲେ ମଧ ପାବୁରିଆରେ ରହୁ ନ ଥିଲେ। ଅଲଗା ଅଲଗା ରହୁଥିଲେ। ସେମାନଙ୍କୁ କିପରି ଜେଲ ଦଣ୍ଡ ହେବ ସେଥିନେଇ ସଚ୍ଚିଦାନନ୍ଦ ପ୍ରୟାସ ଚଳାଇଥିବା ଜାଣିବା ପରେ ୩ ଭାଇ ତାଙ୍କୁ ହତ୍ୟା କରିବା ଯୋଜନା କରିଥିଲେ। ପାବୁରିଆର ଦୋକାନୀ ଜିତେଶଙ୍କ ଠାରୁ ସେମାନେ ସଚ୍ଚିଦାନନ୍ଦଙ୍କ ବିଷୟରେ ଟିକିନିଖି ଖବର ନେଉଥିଲେ। ସଚ୍ଚିଦାନନ୍ଦ ଘଟଣା ଦିନ ବଜାରରେ ଥିବାବେଳେ ଏକ ଅଟୋ ଏବଂ ସ୍କୁଟିରେ ୩ ଭାଇ ଆସି ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଫୋନ କଲ ଆଧାରରେ ଭୁବନେଶ୍ୱରରୁ ପିଉସ୍‌ଙ୍କୁ ଗିରଫ କରାଯିବା ପରେ ସେ ସମସ୍ତଙ୍କ ବିଷୟରେ ସୂଚନା ଦେଇଥିଲେ। ଏହାପରେ ପୋଲିସ ଅନ୍ୟମାନଙ୍କୁ ଫୁଲବାଣୀ ଏବଂ ଚକାପାଦରୁ ଗିରଫ କରିଥିଲା। ଏ ନେଇ ଥାନାରେ ନଂ.୮/୨୦ରେ ମାମଲା ରୁଜୁ ହୋଇଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି।

## ଗ୍ୟାସ୍ ସିଲିଣ୍ଡର ଫାଟି ମହିଳା ଆହତ

କୁକୁଡାଖଣ୍ଡି, ୧୯।୨(ଡି.ଏନ.ଏ.)–ସଦର ଥାନା ବାଳକୃଷ୍ଣପୁର ଗ୍ରାମରେ ବୁଧବାର ଗ୍ୟାସ୍ ସିଲିଣ୍ଡର ଫାଟି ଜଣେ ମହିଳା ଆହତ ହୋଇଛନ୍ତି। ସେ ହେଲେ ତନୁ ସାହୁ (୨୫)। ମଙ୍ଗଳବାର ରାତିରେ ତନୁ ରାନ୍ଧିବା ସମୟରେ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ସେ ଗ୍ୟାସ ବନ୍ଦ କରିଦେଇଥିଲେ। ବୁଧବାର ସକାଳ ୭ଟାରେ ପୁଣି ତନୁ ଗ୍ୟାସ୍ ଲଗାଇବା ବେଳେ ନିଆଁ ଲାଗିଯାଇଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ବ୍ରହ୍ମପୁର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଘରର ବହୁ ଆସବାବପତ୍ର ଜଳିଯାଇଛି।




# ମୋ ସରକାର ସମ୍ପର୍କ ଶିବିର

**ତୁମୁଡ଼ିବନ୍ଧ, ୧୯।୨ (ଡି.ଏନ୍.ଏ)**

ତୁମୁଡ଼ିବନ୍ଧ ହାଇସ୍କୁଲ ପଡ଼ିଆଠାରେ ମଙ୍ଗଳବାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ତରଫରୁ ମୋ ସରକାର ବ୍ଲକସ୍ତରୀୟ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁମୁଡ଼ିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତି ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ତୁମୁଡ଼ିବନ୍ଧ ସରପଞ୍ଚ ମୟନ୍ତୀ ପାଟମାଝି, ଲଙ୍କାଗଡ଼ ସରପଞ୍ଚ ହର ପାତ୍ର, ବିଲାମାଳ ସରପଞ୍ଚ ଶ୍ରୀପତି ମଣ୍ଡଳ, କୁର୍ତ୍ତୁମଗଡ଼ ସମିତି ସଭ୍ୟ ଉପେନ୍ଦ୍ର ନାୟକ, ସିର୍ଲା ସମିତିସଭ୍ୟ ବିକାଶ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ। ସରକାରୀ ଅଧିକାରୀ ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଦୟାନିଧି



ମହିଳା ସଂଘକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

ନାୟକ, ପ୍ରକଳ୍ପ ପ୍ରବନ୍ଧକ ସମୀରନ ନାୟକ, ତୁମୁଡ଼ିବନ୍ଧ ଗୋଷ୍ଠୀ ସାମାଜିକ ନିରାପତ୍ତା ଅଧିକାରୀ ମନୋଜ ସାହୁ, କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଧବ ଚରଣ ନାୟକ, ତୁମୁଡିବନ୍ଧ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୃନ୍ଦାବନ ମହାପାତ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ। ଶିବରରେ ମୋ ସରକାର କାର୍ଯ୍ୟକ୍ରମ ନେଇ ଉପସ୍ଥିତ ଅଧିକାରୀମାନେ ଅନୁସୁଚିତ ଜାତି ଓ ଜନଜାତିର ଲୋକଙ୍କୁ ବୁଝାଇଥିଲେ। ପରେ ଅନୁସୂଚିତ ଜାତିର ୪ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ ମିଲ୍ ବାବଦରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବ୍ଲକ ପ୍ରେଜେକ୍ଟ ମ୍ୟାନେଜର ପ୍ରଦୀପ କୁମାର ସିଂ ଶିବିର ପରିଚାଳନା କରିଥିଲେ।

## ଛାତ୍ରଙ୍କୁ ଚିକିତ୍ସାରେ ଅବହେଳା, ପ୍ରଧାନ ଶିକ୍ଷକଙ୍କ ନାମରେ ଏତଲା

**ଫୁଲବାଣୀ ଅଫିସ, ୧୯।୨**

ଚକାପାଦ ବ୍ଲକ ବ୍ରାହ୍ମଣପାଦ ଶ୍ରୀ ବିରୁପାକ୍ଷ ନୋଡାଲ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କ ଗୋଡକୁ ଅନ୍ୟଜଣେ ମାରି ଆଘାତ କରିଥିଲେ। ତାଙ୍କୁ ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇ ଦିଆଯାଇ ନ ଥିଲା। ଘଟଣାର ମାସେ ପରେ ଛାତ୍ରଙ୍କ ଗୋଡ ପାଚି ଘା' ସୃଷ୍ଟି ହୋଇଛି। ପ୍ରଧାନଶିକ୍ଷକଙ୍କ ଅବହେଳା ଯୋଗୁ ପୁଅର ଏପରି ହୋଇଛି ବୋଲି ବାପା ଚକାପାଦ ଥାନାରେ ଏତଲା ଦେଇଛନ୍ତି। ପ୍ରଧାନଶିକ୍ଷକ ହଷ୍ଟେଲରେ ରହୁ ନ ଥିବାବେଳେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟାଳୟରେ ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଅଛି। ନୟାଗଡ ଜିଲା ବାଣିଗୋଛା ଥାନା ଛିଟୁକୁଳି ଗ୍ରାମର ରବୀନ୍ଦ୍ର କହଁରଙ୍କ ପୁଅ ଦିପ୍ତୀରଞ୍ଜନ ହଷ୍ଟେଲରେ ରହି ତୃତୀୟ ଶ୍ରେଣୀରେ ପଢନ୍ତି। ଜାନୁୟାରୀ ୧୫ରେ ଛାତ୍ରଙ୍କ ଗୋଡକୁ ଅନ୍ୟଜଣେ ଛାତ୍ର ବାଡିରେ ପିଟି ଦେବାରୁ ଗଭୀର ଆଘାତ ଲାଗିଥିଲା। ସ୍କୁଲ କର୍ତ୍ତୃପକ୍ଷ ୧୯ରେ ଏନେଇ ବାପା ରବୀନ୍ଦ୍ରଙ୍କୁ ଖବର ଦେଇଥିଲେ। ରବୀନ୍ଦ୍ର ପହଞ୍ଚି ମେଡିକାଲ ନେବାବେଳେ ପ୍ରଧାନଶିକ୍ଷକ ୫୦୦ ଟଙ୍କା ଦେଇଥିଲେ। ବର୍ତ୍ତମାନ ପୁଅର ଅବସ୍ଥା ଭଲ ନାହିଁ। ଆଘାତ ସ୍ଥାନ ପାଚି ଯାଇଛି। ଏଥିପାଇଁ ପ୍ରଧାନଶିକ୍ଷକ ହିଁ ଦାୟୀ ବୋଲି ଏତଲାରେ ଦର୍ଶାଇଛନ୍ତି। ଏନେଇ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ସାହୁଙ୍କୁ ପଚାରିବାରୁ, ଘଟଣା ଦିନ ଅନୁପସ୍ଥିତ ଥିବା ସ୍ୱୀକାର କରିବା ସହ ଚିକିତ୍ସା ପାଇଁ ୩୫୦୦ ଟଙ୍କା ଦେଇଥିବା କହିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା ଘଟଣାର ତଦନ୍ତ ପାଇଁ ଚକାପାଦ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଥାନାରେ ଏତଲା ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ତରୁଣ ତପନ ବେହେରା ସୂଚନା ଦେଇଛନ୍ତି।




# ୫ ମାଓବାଦୀଙ୍କୁ କୋର୍ଟରେ ହାଜର କରାଗଲା

**ଭଞ୍ଜନଗର, ୧୯।୨(ଡି.ଏନ.ଏ.)**

## ମାଓବାଦୀ ହିଂସା ମାମଲା

ଭଞ୍ଜନଗର ଏଡ଼ିଜେ କୋର୍ଟରେ ୧୭ଟି ମାଓବାଦୀ ହିଂସା ମାମଲାର ବିଚାର ଚାଲିଛି। ବୁଧବାର ଉକ୍ତ ମାମଲା ଗୁଡ଼ିକର ସାକ୍ଷୀମାନଙ୍କ ବୟାନ ରେକର୍ଡ଼ କରିବାର ଥିଲା। କିନ୍ତୁ ବିଭିନ୍ନ କାରଣ ଯୋଗୁ ସାକ୍ଷୀମାନେ କୋର୍ଟରେ ହାଜର ହୋଇପାରିନାହାନ୍ତି। ଫଳରେ ସବ୍ୟସାଚୀ ପଣ୍ଡାଙ୍କ ସମେତ ୫ଜଣ ମାଓବାଦୀ କୋର୍ଟରେ ହାଜିର ପକାଇଛନ୍ତି। ଏହାପରେ ସେମାନଙ୍କୁ ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ଜେଲ ହାଜତକୁ ପଠାଇ ଦେଇଛି। ଗୁରୁବାର ପୁଣି ସମସ୍ତଙ୍କୁ କୋର୍ଟରେ ହାଜର କରାଯିବ। ସରକାରଙ୍କ ପକ୍ଷରୁ ସୁରେନ୍ଦ୍ର ପଣ୍ଡା, ଏମ୍. ତାଜ୍ ଆଦେନୀ, ସୁଶାନ୍ତ ତ୍ରିପାଠୀ ମୁଦଲାମାନଙ୍କ ପକ୍ଷରୁ ଦୀପକ ପଟ୍ଟନାୟକ, ସମୀର ନାୟକ, ଦଣ୍ଡପାଣି ସ୍ୱାଇଁ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

# ବିଦ୍ୟୁତ୍ ଆଘାତରେ ଗୁରୁତର ମହିଳା ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଜି.ଉଦୟଗିରି, ୧୯।୨(ଡି.ଏନ.ଏ.)**

୧୩୨ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗତ ୧୭ ତାରିଖରେ କଳିଙ୍ଗା ପଞ୍ଚାୟତ ତାରାବାଡ଼ି ଗ୍ରାମର ଅମୂଲ୍ୟା ଦିଗାଳ (୩୮) ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଟିକାବାଲି ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ବୁଧବାର କଳିଙ୍ଗାରୁ ଫୁଲବାଣୀ, କଳିଙ୍ଗାରୁ ଭଞ୍ଜନଗର, କଳିଙ୍ଗାରୁ ଜି.ଉଦୟଗିରି ସ୍ଥାନରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ରାସ୍ତାରେ ମୃତଦେହ ରଖି ପରିବାର ଲୋକେ କ୍ଷତିପୂରଣ ଦାବି କରିଥିଲେ। ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଥାନାଧିକାରୀ ଧିରାଜ କୁମାର ଲେଙ୍କା, ତହସିଲଦାର ବିଚିତ୍ର ନନ୍ଦ ନାୟକ, ଅତିରିକ୍ତ ତହସିଲଦାର ଏସ.ରାକେଶ କୁମାର ପାତ୍ର ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ଝିଅର ଭରଣପୋଷଣ ସହିତ ୧୩୨ କେଭି ତାର ଯାଇଥିବା ସ୍ଥାନରେ ୨୦ ଫୁଟ ପର୍ଯ୍ୟନ୍ତ ସଫା କରାଯିବା ଆଦି ଦାବିପତ୍ର ମୃତକ ପରିବାର ପକ୍ଷରୁ ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣା ରାଜ୍ୟ ସରକାରଙ୍କୁ ସୂଚିତ କରାଯାଇଛି ଏବଂ ଅନ୍ତିମ ସଂସ୍କାର ପାଇଁ ୧୦ ହଜାର ଟଙ୍କା ନେଇ ଅବରୋଧ ହଟାଇବା ପାଇଁ ଏସ୍‌ଡିପିଓ କହିଥିଲେ। କିନ୍ତୁ ଗ୍ରାମବାସୀ ୫୦ ହଜାର ଟଙ୍କା ଦାବି ନେଇ ଅଡ଼ି ବସିଥିଲେ। ଫଳରେ ୪ ଘଣ୍ଟା ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଶେଷରେ ରେଡକ୍ରସରୁ ୨୦ ହଜାର ଏବଂ ବିଦ୍ୟୁତ୍ ବିଭାଗରୁ ୧୦ ହଜାର ଟଙ୍କା ଦେବା ପରେ ଅବରୋଧ ହଟିଥିଲା।




| ମଡେଲ | ଅପଗ୍ରେଡ଼ ଲାଭ*(₹) | ଏକ୍ସଚେଞ୍ଜ ଲାଭ*(₹) | କର୍ପୋରେଟ ଲାଭ*(₹ ପର୍ଯ୍ୟନ୍ତ) | ସର୍ବମୋଟ ଲାଭ*(₹ ପର୍ଯ୍ୟନ୍ତ) |
|---|---|---|---|---|
| M8 | 1 39 000.00 | 25 000.00 | 7 000.00 | 1 71 000.00 |
| M6 | 77 000.00 | 25 000.00 | 7 000.00 | 1 09 000.00 |
| M4 | 36 000.00 | 15 000.00 | 7 000.00 | 58 000.00 |

ADITYA MOTORS: CUTTACK, JAGATSINGHPUR, KENDRAPARA, PURI,NAYAGARH, KHURDA: 7873999400, JAJPUR, PANIKOILI: 7873999027, UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA, BARBIL, KEONJHAR: 8929207515, MINERVA AUTOMOBILES: BOLANGIR, SONEPUR, KALAHANDI, NUAPADA: 7574891579, BHAWANIPATNA: 7574891577, PARAMOUNT AUTOMOTIVES: KORAPUT, MALKANGIRI, NABARANGPUR, RAYAGADA: 7574808729

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ